## ସଂକ୍ଷେପରେ

### ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ବାରିପଦା ଅଫିସ,୨୦।୬- ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପାଲବଣୀଠାରେ ଗୁରୁବାର ସକାଳେ ଟ୍ରେନ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ଶରୀରରୁ ମୁଣ୍ଡଟି ଅଲଗା ହୋଇ ଯାଇଥିବା ବେଳେ ତାଙ୍କ ପରିଚୟ ଜଣାପଡି ନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଦିନ ପ୍ରାୟ ୧୨ଟା ସମୟରେ ବାଙ୍ଗିରିପୋଷି- ବାଲେଶ୍ୱର ଡିଏମ୍ୟୁ ଟ୍ରେନ ସମ୍ମୁଖକୁ ଡେଇଁ ଉକ୍ତ ଯୁବକ ଜଣକ ଆତ୍ମହତ୍ୟା କରିଥିଲେ। ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ବେତନଟୀ,୨୦।୬(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧିନ ବାଲକା ନିକଟ ଭଣ୍ଡାରିଶୋଳ ଗ୍ରାମର ଜଣେ ଯୁବକ ଗୁରୁବାର ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ହେଲେ ରବି ସିଂ (୨୨)। ବାଲକା ପଡ଼ିଆରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡି ଯାଇଥିଲା। ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନର କର୍ମଚାରୀମାନେ ସେଠାରେ ପହଞ୍ଚିବା ପୂର୍ବରୁ ରବି ସିଂ ଖୁଣ୍ଟରେ ଚଢି ସଜାଡିବା ପାଇଁ ଯାଇଥିବା ବେଳେ ୧୧ କେଭି ତାରରେ ଝୁଲି ପଡ଼ିଥିଲେ। ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନର ଅଧିକାରୀ ଓ ପୋଲିସ ଉପସ୍ଥିତିରେ ମୃତ ରବିଙ୍କ ମୃତଦେହକୁ ତଳକୁ ଓହ୍ଲାଯାଇଥିଲା। ଏଥିନେଇ ବୈଶିଙ୍ଗା ପୋଲିସ୍ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### କାମରେ ଲାଗୁନି ପାଣିଟାଙ୍କି

କୁଆମରା,୨୦।୬(ଡି.ଏନ.ଏ)- ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଥିବା ସରକାର ଡିଣ୍ଡିମ ପିଟୁ ଥିଲେ ମଧ ବାସ୍ତବରେ ଏହାର ସୁଫଳ ଜନସାଧାରଣଙ୍କୁ ମିଳୁନାହିଁ। ସଂପୃକ୍ତ ବିଭାଗ ତଥା ପଞ୍ଚାୟତ ପକ୍ଷରୁ ଏ ଦିଗରେ ସଠିକ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ଗୋପବନ୍ଧୁନଗର ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଜୟପୁର ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲା। ତେବେ ଏହି ପଞ୍ଚାୟତର ଲୋକେ ସ୍ୱଚ୍ଛ


ଦିଘି ନୂଆସାହି ଛକ ନିକଟରେ ନିର୍ମିତ ପାଣି ଟାଙ୍କି।

ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜୟପୁର-ଉଦଳା ରାସ୍ତାର ଦିଘିନୂଆ ସାହି ଛକ ନିକଟରେ ରାସ୍ତା ପାର୍ଶ୍ୱରେ ୧୪ ଓ ୧୫ ନମ୍ବର ୱାର୍ଡ ଲୋକଙ୍କ ପାଇଁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ୨ ବର୍ଷ ପୂର୍ବେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଅଦ୍ୟାବଧି ଏହି ଟାଙ୍କିକୁ ପାଣି ଯୋଗାଣ ହେଉ ନାହିଁ। ଫଳରେ ଲୋକେ ଶୁଦ୍ଧ ପାନୀୟ ଜଳ ପାଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ୨ଟି ନଳକୂଅରୁ ଲୌହ ଯୁକ୍ତ ପାଣି ବାହାରୁ ଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇ ପଡିଛି। ଫଳରେ ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ବିଡିଓ ମନୋଜ କୁମାର ବେହେରା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପର୍ଯ୍ୟାପ୍ତ ପାଣି ଯୋଗାଇ ପାରୁ ନ ଥିବାରୁ ସେହି ଟାଙ୍କିକୁ ପାଣି ଯାଇ ପାରୁ ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ପୁନଃ ଟେଣ୍ଡର କରାଯିବା ସହ ଯଥା ଶୀଘ୍ର ପାଣି ଯୋଗାଇ ଦେବାକୁ ଚେଷ୍ଟା କରିବେ ବୋଲି ବିଡିଓ କହିଛନ୍ତି।

### ଫନୀ କ୍ଷତିଗ୍ରସ୍ତଙ୍କ ଲାଗି ସହାୟତା

ଖୁଣ୍ଟା,୨୦।୬(ଡି.ଏନ.ଏ)- ଫନୀ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଖୁଣ୍ଟା ସାରସ୍ୱତ ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦ ସହାୟତାର ହାତ ବଢାଇଛି। ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭ ହଜାର ଟଙ୍କା ପ୍ରଦାନ କରାଯାଇଛି। ପରିଷଦର ସଭାପତି ଅନନ୍ତ ନାରାୟଣ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସଭାରେ ସଂପାଦକ ପ୍ରତାପ ଚନ୍ଦ୍ର ଦାସଙ୍କ ସହ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଉପଦେଷ୍ଟା ମହେଶ୍ୱର ବେହେରା, ସହ ସଂଗଠକ ସୁଧାକର ପାତ୍ର, ଅଡିଟର ଯୋଗେଶ୍ୱର ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

■ଦୀର୍ଘ ବର୍ଷ ପରେ ଆକ୍ସନ ମୁଡ୍‌ରେ ଜିଲା ପ୍ରଶାସନ

# ଟ୍ରାଫିକ ସମସ୍ୟା ଏଡ଼ାଇବାକୁ ଜବରଦଖଲ ଉଚ୍ଛେଦ

ବାରିପଦା ଅଫିସ,୨୦।୬

ମୋଟର ଯାନ ସଂଖ୍ୟା ବୃଦ୍ଧି ସହିତ ପାର୍କିଂ ସ୍ଥାନ ପାଇଁ ଜାଗା ଅଭାବ ଓ ଦୋକାନବଜାର ରାସ୍ତାକୁ ମାଡି ଆସୁଥିବାରୁ ମୟୂରଭଞ୍ଜ ଜିଲା ବାରିପଦା ସହରରେ ଟ୍ରାଫିକ ସମସ୍ୟା ଦେଖା ଦେଇଛି। ବିଶେଷ କରି ବାଣ୍ଟିଆ ଜଗନ୍ନାଥ ମନ୍ଦିର ରୋଡରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ପ୍ରତିଦିନ ରାସ୍ତା ଜାମ

**ପାତରଅନ୍ତର ଅଭିଯୋଗ**

ହେଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ଦୀର୍ଘ ସମୟ ଧରି ଅଟକି ରହୁଛନ୍ତି। ଏପରିକି ଆମ୍ବୁଲାନ୍ସ ମଧ୍ୟ ରାସ୍ତାରେ ଅଟକି ରହୁଥିବା ଦେଖିବାକୁ ମିଳୁଛି। ରାସ୍ତାରେ ଡ୍ରେନ ଉପରେ ଦୋକାନଗୁଡିକ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ସହରବାସୀ ବହୁବାର ଜିଲା ପ୍ରଶାସନ ନିକଟରେ ଏହାର ସମାଧାନ ପାଇଁ ଅଭିଯୋଗ କରିସାରିଛନ୍ତି। ଏ ନେଇ ଗତ ୧୩ ମେ ରେ 'ଧରିତ୍ରୀ'ରେ ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ବ୍ୟବସାୟୀଙ୍କ ଚାପରେ ପ୍ରଶାସନ



ଟ୍ରାଫିକ ରୋଡରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଚୁପ ହୋଇ ବସିରହିଥିଲା। ତେବେ ଦୀର୍ଘ ବର୍ଷ ପରେ ଗୁରୁବାର ଜିଲା ପ୍ରଶାସନକୁ ଆକ୍ସନ ମୁଡରେ ଦେଖିବାକୁ ମିଳିଛି। ସହରରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଜବର ଦଖଲ ଉଚ୍ଛେଦ ବେଳେ ପାତର ଅନ୍ତର କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି।

ଜିଲା ପ୍ରଶାସନ ଓ ବାରିପଦା ପୌର ପରିଷଦ ପକ୍ଷରୁ ଗୁରୁବାରଠାରୁ ବାଣ୍ଟିଆ ଜଗନ୍ନାଥ ମନ୍ଦିରରୁ ଟ୍ରାଫିକ ରୋଡରେ ରାସ୍ତା ଉପରକୁ ମାଡି ଆସିଥିବା ଦୋକାନଗୁଡିକୁ ଉଚ୍ଛେଦ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଲିସ ଫୋର୍ସ ଉପସ୍ଥିତିରେ ବାରିପଦା ତହସିଲଦାର ଅମୃତ ସରକାର ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ସରୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଆଗକୁ ଷ୍ଟେଶନ ବଜାର, ବଡ ବଜାର ଓ ବାଘଡା ରୋଡ ଅଞ୍ଚଳରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ନିର୍ବାହୀ ଅଧିକାରୀ ଦାସ କହିଛନ୍ତି। ତେବେ ବାଣ୍ଟିଆ ଜଗନ୍ନାଥ ମନ୍ଦିର ନିକଟରେ କିଛି ଦୋକାନୀଙ୍କୁ ଅନୁକମ୍ପା ଦେଖାଇ ଜବରଦଖଲ ଉଚ୍ଛେଦ କରାଯାଇ ନ ଥିବା ଲୋକେ ଅଭିଯୋଗ କରିବାରୁ ପୁନର୍ବାର ମାପ ହୋଇଥିଲା। ହେଲେ ସବୁ କିଛି ଠିକ୍ ଠାକ ଥିବା ଦର୍ଶାଇ ଅଧିକାରୀମାନେ ସେଠାରୁ ଚାଲି ଯାଇଥିଲେ। ଅନ୍ୟ ପକ୍ଷରେ ଏହି ରୋଡରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ଉଠାଇବାକୁ ମଧ୍ୟ ଲୋକେ ଦାବି କରିଥିଲେ। ସେହିପରି ଟ୍ରାଫିକ ଛକ ନିକଟରେ ଡ୍ରେନ ଉପରେ ପୌର ପରିଷଦ ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇଛି। ଏହା କଡରେ ଥିବା ଜଣେ ଉଠା ଦୋକାନୀଙ୍କ ଦୋକାନ ଭଙ୍ଗା ଯାଉଥିବା ବେଳେ ଲୋକେ ଏହାକୁ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଗୁରୁବାର ବାଣ୍ଟିଆ ଜଗନ୍ନାଥ ମନ୍ଦିର ରୋଡରୁ ଟ୍ରାଫିକ ଛକ ଦେଇ ମେଡିକାଲ ରୋଡ(ସାତ ତାଲା) ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଯୋଜନା କରାଯାଇଥିଲା। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ଟ୍ରାଫିକ ଛକ ନିକଟରେ କାର୍ଯ୍ୟ ବନ୍ଦ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ବାରିପଦା ସଦର ଏସଡିପିଓ କେ.ପି. ପଟ୍ଟନାୟକ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜି ଓ ଇନ୍ସପେକ୍ଟର ବି.କେ. ରାଉତରାୟ ପ୍ରମୁଖ ସଦଳବଳ ଉପସ୍ଥିତ ଥିଲେ।

## ଗଣ ମହୋତ୍ସବ 'ବିରାଟ'ର ଦ୍ୱିତୀୟ ସନ୍ଧ୍ୟା

କପ୍ତିପଦା,୨୦।୬(ଡି.ଏନ୍.ଏ)–

ମୟୂରଭଞ୍ଜ ଜିଲା କପ୍ତିପଦାରେ ଗଣ ମହୋତ୍ସବ 'ବିରାଟ'ର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କପ୍ତିପଦା ବିଡ଼ିଓ ରବୀନ୍ଦ୍ର କୁମାର ମଲ୍ଲିକ୍, ମୁଖ୍ୟବକ୍ତାଭାବେ ସମବାୟ ବିଭାଗର ଅବସରପ୍ରାପ୍ତ ମହାପ୍ରବନ୍ଧକ ଭଗବାନ ବେହେରା, ସମ୍ମାନନୀୟ ବକ୍ତାଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା, ସମ୍ମାନନୀୟ ଅତିଥିଭାବେ କପ୍ତିପଦା ଥାନା ଆଇଆଇସି ସୁଶ୍ରୀ ରୀନା ବେହେରା ଯୋଗ ଦେଇଥିଲେ। ଓଷ୍ଟାର ଜିଲା ସମ୍ପାଦକ ଭରତ ଚନ୍ଦ୍ର ବରାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଗୋଲକଚନ୍ଦ୍ର ବେଜ ଧନ୍ୟବାଦ ଅର୍ପଣ କରିଥିଲେ। ସୋଲଗଡ଼ିଆ ଉପ୍ରା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଶିଳ୍ପୀକା ଡ୍ୟାନ୍ସ ଗ୍ରୁପ୍ ଓ ନୀଳଗିରିର ଓଡ଼ିଶୀ ନୃତ୍ୟ ଶିକ୍ଷାନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ପରାଜୟର କାରଣ ଖୋଜୁଛି କଂଗ୍ରେସ



ଫ୍ୟାକ୍ଟ ଫାଇଣ୍ଡିଂ ଟିମ ସହ ସ୍ଥାନୀୟ ନେତୃବୃନ୍ଦ।

ବାରିପଦା ଅଫିସ,୨୦।୬

ଏକଦା ମୟୂରଭଞ୍ଜ ଜିଲାକୁ କଂଗ୍ରେସର ଗଡ ବୋଲି କୁହାଯାଉଥିଲା। ହେଲେ ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଜିଲାରେ ଖାତା ଖୋଲି ପାରିନାହିଁ। ଏଣୁ ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ସନ୍ତୋଷ ସିଂ ସାଲୁଜା ଓ ନଳିନୀ ମହାନ୍ତି ପରାଜୟର କାରଣ ଖୋଜିବା ପାଇଁ ବୁଧବାର ବାରିପଦାରେ ପହଞ୍ଚିଛନ୍ତି। ସେମାନେ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳର ବିପର୍ଯ୍ୟୟ ସମ୍ପର୍କରେ ସ୍ଥାନୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ଜେଏମଏମ ସହ ମେଣ୍ଟ, କଂଗ୍ରେସର କିଛି କର୍ମକର୍ତ୍ତାଙ୍କର ଦଳ ବିରୋଧୀ କାର୍ଯ୍ୟ, ପ୍ରାର୍ଥୀ ଓ ସଂଗଠନ ମଧ୍ୟରେ ଦୂରତା ଯୋଗୁ ଦଳ ବିପର୍ଯ୍ୟୟର ସାମ୍ନା କରିଥିବା ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ଜିଲା ସଭାପତି ହେମନ୍ତ ଦାସ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ରାଜ୍ୟ ସମ୍ପାଦକ ଯୋଗେଶ ଅଗ୍ରୱାଲା, ଉପସଭାପତି ଅଶୋକ ଅଧିକାରୀ, ଅରବିନ୍ଦ ଦାସ, ସମ୍ପାଦକ ମୀନକେତନ ବେହେରା, ମହେନ୍ଦ୍ର ନାଏକ, ବାସୁଦେବ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ହେବ ଯୋଗ

ବଡ଼ସାହି,୨୦।୬(ସ୍ୱ.ପ୍ର)–

ବଡ଼ସାହି ବ୍ଲକସ୍ତରୀୟ ଯୋଗ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁନୀଲ କୁମାର ଦାଶ ପୌରୋହିତ୍ୟ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ଜେନାଙ୍କୁ ଯୋଗ କମିଟିର ସଭାପତି ଭାବେ ମନୋନୀତ କରାଯାଇଛି। ବଡ଼ସାହି ଆଦର୍ଶ ବିଦ୍ୟାଳୟ ପରିସରରେ ଆସନ୍ତା ୨୧ତାରିଖରେ ଏହି ଦିବସ ପାଳନ କରାଯିବା ସହ ଅଞ୍ଚଳବାସୀ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ବଡ଼ସାହି ବିଧାୟକ ସନାତନ ବିଜୁଳି ଏଥିରେ ଯୋଗ ଦେବେ ବୋଲି କମିଟି ସୂତ୍ରରୁ ଜଣାପଡିଛି । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଅଭୟ ମହାପାତ୍ର, ବିଭୂତି ମହାନ୍ତ, ଅଜୟ ଦ୍ୱିବେଦୀ, ହାଡିବନ୍ଧୁ ମହାପାତ୍ର, ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କପ୍ତିପଦା ପଞ୍ଚାୟତ ସମିତିର ବୈଠକ

କପ୍ତିପଦା,୨୦।୬(ଡି.ଏନ୍.ଏ)–

କପ୍ତିପଦା ପଞ୍ଚାୟତ ସମିତିର ତୃତୀୟ ବୈଠକ ବ୍ଲକ୍ ପରିସର ସ୍ଥିତ ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁଶୀଳା ବାନରା ବୈଠକରେ ଅଧକ୍ଷତା କରିଥିଲେ। ବିଡିଓ ରବୀନ୍ଦ୍ର ମଲ୍ଲିକ୍ ବୈଠକର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକ ପ୍ରାରମ୍ଭରେ ନବ ନିର୍ବାଚିତ ବିଧାୟକ ଭାସ୍କର ମଢ଼େଇଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କପ୍ତିପଦା ବ୍ଲକ୍‌ରେ ଥିବା ସମସ୍ୟାର ସମାଧାନ ପାଇଁ ତାଙ୍କର ସହଯୋଗ ସଦାସର୍ବଦା ରହିବ ବୋଲି ଏହି ଅବସରରେ ବିଧାୟକ ପ୍ରକାଶ କରିଥିଲେ। ବୈଠକରେ ବ୍ଲକ୍ ଉପାଧକ୍ଷ ନୀଳମାଧବ ପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ସଦାଶିବ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏତଦ୍ ବ୍ୟତୀତ ମହିଳା ଶିଶୁ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳ ଓ ପରିମଳ, ଜଙ୍ଗଲ, ମତ୍ସ୍ୟ, ପଶୁ ସଂପଦ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ ନିଜ ନିଜ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମହାତ୍ମାଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହିତ ଚାଲୁ ରହିଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ କପ୍ତିପଦା ଜନସାଧାରଣ ପକ୍ଷରୁ ୯ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓ ଏବଂ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ କପ୍ତିପଦାକୁ ଏନ୍ଏସିର ମାନ୍ୟତା, ରଥିପୁର ବିଦ୍ୟୁତ ସବ୍‌ଷ୍ଟେସନ୍‌ର ପୁନରୁଦ୍ଧାର, ସୁନେଇ ନଦୀରେ ଆଡ଼ିବନ୍ଧ ନିର୍ମାଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ନିଯୁକ୍ତି, ବସ୍‌ଷ୍ଟାଣ୍ଡ ନିର୍ମାଣ, କପ୍ତିପଦା କଲେଜରେ ଛାତ୍ର ସଂସଦ ନିର୍ବାଚନ କରିବା, କପ୍ତିପଦାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ, ସବରେଜିଷ୍ଟ୍ରାର ଅଫିସ ସ୍ଥାପନ ଓ କପ୍ତିପଦା ଗୋଲେଇ ଛକର ଜବରଦଖଲ ଉଚ୍ଛେଦ ସହିତ ଉକ୍ତ ଗୋଲେଇକୁ ରାଜା ଗୌରଚନ୍ଦ୍ର ମାନ୍ଧାତାଙ୍କ ନାମରେ ନାମିତ କରିବା ଆଦି ଅର୍ନ୍ତଭୂକ୍ତ ଥିବା ଜଣାଯାଇଛି। ତୁରନ୍ତ ଉକ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ବୈଠକରେ ଜିପିଇଓ ଶଶିଶେଖର ଷଡ଼ଙ୍ଗୀ ପୂର୍ବ ବିବରଣୀ ପାଠ ସହିତ ପଞ୍ଚାୟତମାନଙ୍କରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅନୁରୋଧ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।


ବୈଠକରେ ଉପସ୍ଥିତ ଅତିଥି ମାନେ।

■ବିଦ୍ୟୁତ୍ ବିଭାଗର କ୍ରମାଗତ ଅବହେଳା ବିରୋଧରେ ପ୍ରତିବାଦ

# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲା ଭଞ୍ଜସେନା



ଭଞ୍ଜସେନାର କାର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାରିପଦା ଅଫିସ,୨୦।୬

ମୟୂରଭଞ୍ଜ ଜିଲାରେ ବିଦ୍ୟୁତ ବିଭାଗ ପକ୍ଷରୁ ଉପଭୋକ୍ତାଙ୍କୁ କ୍ରମାଗତ ଅବହେଳା ପ୍ରଦର୍ଶନ କରାଯାଉଛି। ଏହା ସହ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତକାଟ ସାଙ୍ଗକୁ ଉପଭୋକ୍ତାମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରିଛି ଅଣରାଜନୈତିକ ଯୁବଛାତ୍ର ସଂଗଠନ ଭଞ୍ଜସେନା। ଏହାର ପ୍ରତିବାଦରେ ଗୁରୁବାର ସଂଗଠନ ପକ୍ଷରୁ ବାରିପଦା ବାଘଡା ରୋଡରେ ଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବା ସହ ୧୦ ଦଫା ଦାବି ଉପସ୍ଥାପନ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଦାବି ପୂରଣ କ୍ଷେତ୍ରରେ ବିଭାଗ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବା ସହିତ ବିଦ୍ୟୁତ୍ ବିଭାଗର ଶୁଳ୍କ ଆଦାୟ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସହରରେ ମନମୁଖି ବିଦ୍ୟୁତକାଟ୍ ଓ ଲୋ ଭୋଲଟେଜ ସମସ୍ୟାକୁ ଦୂର କରିବା, ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଟ୍ରାନ୍ସଫର୍ମରକୁ ତାରବାଡ଼ ଘେରାଇ ସୁରକ୍ଷିତ ରଖିବା, ବିଭିନ୍ନ ସ୍ଥାନରେ ଓହଳି ପଡିଥିବା ୧୧ କେଭି ତାରକୁ ସୁରକ୍ଷିତ ଉଚ୍ଚତାରେ ରଖିବା, ନଷ୍ଟ ହୋଇ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ହଟାଇବା, ବିନା ନୋଟିସରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ବନ୍ଦ କରିବା, ଗ୍ରାହକମାନଙ୍କ ଖରାପ ମିଟର ହଟାଇ ନୂଆ ମିଟର ଲଗାଇବା ପାଇଁ ଆବଶ୍ୟକ ଅର୍ଥ ଜମା କରାଯାଇଥିଲେ ମଧ ମିଟର ନ ଯୋଗାଇ ମାସିକ ମନଇଚ୍ଛା ଶୁଳ୍କ ଆଦାୟ ବନ୍ଦ କରିବା, ଚେକିଂ ଆଳରେ ଉପଭୋକ୍ତାମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ବେଆଇନ ଫାଇନ ଆଦାୟ ବନ୍ଦ କରିବା, ଲାଇନ ସଂଯୋଗ ଯୋଗାଇଦେବା ନାମରେ ବେସରକାରୀ ସଂସ୍ଥା ଟଙ୍କା ଆଦାୟ କରିବାକୁ ବନ୍ଦ କରିବା, ସୌଭାଗ୍ୟ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବାଟମାରଣାର ତଦନ୍ତ କରାଯିବା ଏବଂ ୨ ରୁ ୩ ମାସର ବିଦ୍ୟୁତ୍ ବିଲ୍ ଏକା ସାଙ୍ଗରେ ନ ଦେଇ ନିୟମିତ ବିଲ୍ ପ୍ରଦାନ କରିବା, ଜିଲାବାସୀଙ୍କ ପାଇଁ ୨୪ ଘଣ୍ଟିଆ ଅଭିଯୋଗ କେନ୍ଦ୍ର ବ୍ୟବସ୍ଥା କରାଯିବା ଆଦି ସେନା ପକ୍ଷରୁ ୧୦ଦଫା ଦାବି ଉପସ୍ଥାପନ କରାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ଏହି ସବୁ ଦାବି ପ୍ରତି ଧ୍ୟାନ ଦିଆ ନ ଗଲେ ଭଞ୍ଜସେନା ଆନ୍ଦୋଳନକୁ ଜୋରଦାର କରିବା ସହ ବିଦ୍ୟୁତ୍ ବିଭାଗର ଶୁଳ୍କ ଆଦାୟ କରିବାରେ ବ୍ୟାଘାତ ସୃଷ୍ଟି କରିବ ବୋଲି ଚେତାବନୀ ଦେଇଛି। ଖବରପାଇ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରୋଦ ବେହେରା ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବିଗୁଡିକ ସମାଧାନ କରାଯିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଉକ୍ତ ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ରାକେଶ ବେହେରା, ସୌମ୍ୟରଞ୍ଜନ ମିଶ୍ର, ସହର ଉପସଭାପତି ଏସ.କେ. ରାଜା ଖାନ, ଜିଲା ଉପସଭାପତି ପ୍ରଶାନ୍ତ ମହାକୁଡ଼, ଜିତୁ ଶିବାନନ୍ଦ, ସନାତନ ସାହୁ, ଛାତ୍ର ଉପସଭାପତି ରବୀନ୍ଦ୍ର ସାହୁ, ପ୍ରଶାନ୍ତ ଦାସ, ଜିଲା ସମ୍ପାଦକ ମୀର ବାବର ଅଲ୍ଲୀ, ଏମଡି ନାଜିର ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ଦାବିପତ୍ର

ଖୁଣ୍ଟା,୨୦।୬(ଡି.ଏନ.ଏ)

ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଗୁରୁବାର ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା ସଂଗଠନ ପକ୍ଷରୁ ଜିଲା ମୁଖ୍ୟ ଚିକତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋପବନ୍ଧୁନଗର ବିଡିଓଙ୍କୁ ପ୍ରଦାନ କରାଯାଇଛି। ସଂଗଠନର ଦାବି ଅନୁଯାଇ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖୁଣ୍ଟା, ଗୋପବନ୍ଧୁନଗର ଓ ଉଦଳା ଆଦି ୩ଟି ବ୍ଲକର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି। ଦୈନିକ ଶତାଧିକ ରୋଗୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ପର୍ଯ୍ୟାପ୍ତ ପରିମାଣର ବେଡ଼ ନ ଥିବାରୁ ବିଭିନ୍ନ ସମୟରେ ରୋଗୀମାନେ ବାରଣ୍ଡାରେ ରହି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳେ। ବିଭିନ୍ନ ସମୟରେ ଲୋକେ ଆମ୍ବୁଲାନ୍ସ ସେବା ନ ପାଇ ନିଜସ୍ୱ ଆୟୋଜନରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣୁଥିବାରୁ ଆମ୍ବୁଲାନ୍ସ ସେବାର ପର୍ଯ୍ୟାପ୍ତ ସୁବିଧା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ସଂଗଠନର କପ୍ତିପଦା ଉପଖଣ୍ଡ ସଭାପତି ବୁଧୁରାମ ମୁର୍ମୁଙ୍କ ନେତୃତ୍ୱରେ ଖୁଣ୍ଟା ବ୍ଲକ ସଭାପତି ନରେନ୍ଦ୍ର ସିଂ, ଉପସଭାପତି ଅର୍ଜୁନ ଟୁଡୁ, ସନାତନ ମୁର୍ମୁ, ସୁନିଲ କୁମାର ପାତ୍ର, ବାଦଲ ସିଂ, ଶଙ୍କର ମହାନ୍ତ ଓ ଚନ୍ଦନ କୁମାର ଟୁଡୁ ପ୍ରମୁଖ ଏକ ପ୍ରତିନିଧି ଦଳ ଏହି ଦାବିପତ୍ରକୁ ଗୋପବନ୍ଧୁନଗର ବିଡ଼ିଓ ମନୋଜ କୁମାର ବେହେରାଙ୍କ ଉନୁପସ୍ଥିତିରେ ମୁଖ୍ୟ କିରାଣୀ ଦିଲ୍ଲୀପ କୁମାର ନାଏକଙ୍କୁ ପ୍ରଦାନ କରିଥିଲେ।


ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଆଜି କ'ଣ କେଉଁଠି

**ଭଦ୍ରକ**

▶ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଭଦ୍ରକ କଲେଜ କ୍ୟାମ୍ପସ, ସମୟ: ସକାଳ ୬ଟା।

▶ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବେ ଜିଲାପାଳ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ ଟା।

## ସଂକ୍ଷେପରେ

### ନାଗ ସହ ୧୩ ଛୁଆ ଉଦ୍ଧାର



**ତିହିଡ଼ି, ୨୦।୬ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ଗ୍ରାମର ଭାଗବତ ବାରିକଙ୍କ ଘରୁ ଗୁରୁବାର ଗୋଟିଏ ନାଗ ସହ ୧୩ ଛୁଆ ଉଦ୍ଧାର କରାଯାଇଛି। ଘରେ ନାଗ ଛୁଆ ବୁଲୁଥିବାର ଭାଗବତ ଦେଖିବାକୁ ପାଇଥିଲେ। ଘରେ ନାଗଛୁଆ ରହୁଥିବା ସନ୍ଦେହ କରି ସେ ସାପଧରାଳି ସେକ୍ ମିର୍ଜାଙ୍କୁ ଖବର ଦେଇଥିଲେ। ମିର୍ଜା ତାଙ୍କ ଘରେ ପହଞ୍ଚି ଘର କାନ୍ଥ ଓ ଚଟାଣ ଖୋଳି ନାଗ, ଛୁଆଙ୍କୁ ଉଦ୍ଧାର କରିଥିଲେ।

### ଘରେ ପଶି ମହିଳାଙ୍କୁ ଆକ୍ରମଣ

**ବାସୁଦେବପୁର, ୨୦।୬ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ସୁଙ୍ଗୁଡ଼ା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ମୁସଲିମ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ଘରେ ପଶି ଅସଦାଚରଣ କରିବା ସହ ଆକ୍ରମଣ କରିଛନ୍ତି। ମହିଳା ଜଣଙ୍କ ଏନେଇ ବାସୁଦେବପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରାଥମିକ ତଦନ୍ତ କରିଛି। ସମ୍ପୃକ୍ତ ମହିଳା ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ତାଙ୍କର ବୟାନ ରେକର୍ଡ କରିବା ସହ ତଦନ୍ତ ଜାରି ରଖିଛି।

### ଲଞ୍ଚ କର୍ମଚାରୀଙ୍କ ଧାରଣା ଜାରି

**ଚାନ୍ଦବାଲି, ୨୦।୬ (ଡି.ଏନ.ଏ):** ଚାନ୍ଦବାଲିସ୍ଥିତ ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗର ସମସ୍ତ ଯାନ୍ତ୍ରିକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ଏମାନଙ୍କୁ ସମର୍ଥନ ଜଣାଇ ରାଜ୍ୟର ଅନ୍ୟ ସ୍ଥାନର ଲଞ୍ଚ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଥିବା ସୂଚନା ମିଳିଛି। ଗତ ୧୫ ତାରିଖରେ ଚାନ୍ଦବାଲି ଲଞ୍ଚଘାଟ ଜେଟିରୁ ବୈତରଣୀ ନଦୀକୁ ଡେଇଁ ଜିତୁନ ଦାସ ନାମକ ଜଣେ ଯୁବକ ଆତ୍ମହତ୍ୟା କରିଥିଲେ। ବୁଡ଼ିଯାଉଥିବା ଯୁବକଙ୍କୁ ଉଦ୍ଧାର କାର୍ଯ୍ୟରେ ଲଞ୍ଚ କର୍ମଚାରୀଙ୍କ ଅବହେଳାକୁ ଦାୟୀ କରି କେତେକ ସ୍ଥାନୀୟ ଯୁବକ ୩ ଲଞ୍ଚ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଅଫିସରୁ ଆସବାବପତ୍ର ଫିଙ୍ଗି ଦେଇଥିଲେ। ମାଡ଼ ମାରିଥିବା ସମ୍ପୃକ୍ତ ଯୁବକଙ୍କୁ ଗିରଫ ଓ କର୍ମଚାରୀଙ୍କ ସୁରକ୍ଷା ଦାବି କରି ଲଞ୍ଚ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

### ୭୬ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ମାନ୍ୟତା

**ଚାନ୍ଦବାଲି, ୨୦।୬ (ଡି.ଏନ.ଏ):** ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିବଦୁର୍ଗା ହାଇସ୍କୁଲ ପରିସରରେ ୭୬ ଜଣ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ ଓ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଇଓ ପ୍ରଣୟ ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ବ୍ୟୋମକେଶ ରାୟ, ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ଶିବଦୁର୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ଦିଲୀପ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ ଦାସ ସ୍ୱାଗତ ଭାଷଣ ଓ ସମ୍ପାଦକ ପ୍ରକାଶ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଧାୟକ ରାୟ ୭୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ସଂଘ ପକ୍ଷରୁ ନବନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ ତ୍ରିଲୋଚନ ଦାସ, ନିରଞ୍ଜନ ସାହୁ, ନୃସିଂହ ବାରିକ, ସୋମନାଥ ନାୟକ, ଶଶୀକାନ୍ତ ଦାସ, ସିଆର୍‌ସିସି ନିକୁଞ୍ଜ କର, ଅନୁପ ଦାସ, ଅଶୋକ ଦାସ, ଧନପତି ମାନା, ପ୍ରମୋଦ କର ଓ ସୁଦର୍ଶନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକରେ କାର୍ଯ୍ୟରତ ୬୩୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ୟା ସମାଧାନ ଓ ସୁରକ୍ଷାକୁ ସୁଦୃଢ଼ ପାଇଁ ଆସନ୍ତା ଜୁଲାଇରେ ସଙ୍ଗଠନକୁ ପୁନର୍ଗଠନ କରାଯିବ ବୋଲି ଜଣାଯାଇଛି। ଶିକ୍ଷକ ସୁଶାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ■ ରାହାଞ୍ଜ ଦୁର୍ଘଟଣାକୁ ୧୧ ମାସ ବିତିଲା

# ମୃତ୍ୟୁଠୁ ବଳିଯାଇଛି ଯନ୍ତ୍ରଣା

**ଭଦ୍ରକ ଅଫିସ, ୨୦।୬**

ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ରାହାଞ୍ଜ ନିକଟରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ଏହା ମଧ୍ୟରେ ୧୧ ମାସ ବିତିଗଲାଣି। ବେପରୁଆ ଟ୍ରକ୍ ଚାଳକଙ୍କ ଦାୟିତ୍ୱହୀନ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣାରେ ସ୍ଥାନୀୟ ରାଣୀତାଲ ସ୍କୁଲରୁ ଫେରୁଥିବା ୫ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ଛାତ୍ରୀ ଶୀତଲଙ୍କ ଯନ୍ତ୍ରଣା ମୃତ୍ୟୁଠୁ ବଳିଯାଇଛି। ଯନ୍ତ୍ରଣା ସହି ନ ପାରି ପ୍ରତି ମୁହୂର୍ତ୍ତରେ ସେ ଦୁର୍ଘଟଣାରେ ହରାଇଥିବା ବଡ଼ଭଉଣୀ ଶ୍ୱେତାଙ୍କ ପାଖକୁ ଚାଲିଯିବାକୁ(ଇଚ୍ଛାମୃତ୍ୟୁ) ଚାହୁଁଥିବା ପ୍ରଶାସନ ନିକଟରେ ଆବେଦନ କରିବେ ବୋଲି ଆମ ପ୍ରତିନିଧିଙ୍କ ଆଗରେ କାନ୍ଦି କାନ୍ଦି କହିଥିଲେ ଶୀତଲ। ସେତେବେଳେ ଗୁରୁତରଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିବା ପ୍ରଶାସନ ଓ ସରକାର ଯେପରି ଶୀତଲଙ୍କ ଏଭଳି ଅବସ୍ଥା ପ୍ରତି ଆଖି ବୁଜି ଦେଇଛନ୍ତି।

୨୦୧୮ ଜୁଲାଇ ୧୯ ତାରିଖ ଅପରାହ୍ନରେ ଘଟିଥିଲା ମର୍ମନ୍ତୁଦ ଦୁର୍ଘଟଣା। ରାଣୀତାଲ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ରାହାଞ୍ଜ ଅଞ୍ଚଳର ଛାତ୍ରୀଛାତ୍ର ୧୬ ନମ୍ବର ଜାତୀୟ ରାଜପଥ ଦେଇ ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଟ୍ରକ ଚକା ତଳେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଥିଲେ ୩ ଛାତ୍ରୀ ଓ ୨ ଛାତ୍ର। ମୃତ ଛାତ୍ରୀଛାତ୍ର ହେଲେ ରାଣୀତାଲ ଅସୁରା ହାଟସାହି ଗ୍ରାମର ସତ୍ୟବ୍ରତ ବାରିକ, ସୁକାନ୍ତ ସାହୁ, କଳ୍ପନା ଜେନା, ଶ୍ୱେତା ସାହୁ ଓ ପ୍ରିୟମ୍ବଦା ମହାନ୍ତି। ସେମାନଙ୍କ ମଧ୍ୟରୁ ମୃତା ଶ୍ୱେତା ସାହୁ ଓ ଗୁରୁତର ଶୀତଲ ସାହୁ ହେଲେ ଉକ୍ତ ଗ୍ରାମର ସୁବାସ ସାହୁଙ୍କ ଝିଅ। ସେତେବେଳେ ଜିଲା ସାରା ଶୋକସଭା କରାଯାଇ ସମସ୍ତେ ସମବେଦନା ଜଣାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଓ ଶିକ୍ଷା ବିଭାଗ ପକ୍ଷରୁ ୨ ଲକ୍ଷ ମୋଟ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତାରାଶି ପ୍ରଦାନ କରାଯାଇଥିଲା। ଏଥିସହ ସମସ୍ତ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ଘୋଷଣା କରାଗଲା। ହେଲେ ଏହି ଘୋଷଣା କେବଳ ଘୋଷଣାରେ ହିଁ ସୀମିତ ରହିଛି। ସୁବାସଙ୍କ ସାନଝିଅ ଶୀତଲ ବାମହାତ ଓ ଡାହାଣ ଗୋଡ଼ ଟ୍ରକ ଚକ ତଳେ ଚାପି ହୋଇ କ୍ଷତାକ୍ତ ହୋଇଯାଇଥିଲା। ପ୍ରଥମେ ସେ ଭଦ୍ରକ ଓ ପରେ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଦୁଇମାସ ପରେ ଘରକୁ ଫେରିଥିଲେ। ସେବେଠାରୁ ଶୀତଲ ଶଯ୍ୟାଶାୟୀ। କ୍ଷତାକ୍ତ ବାମହାତ ଓ ଡାହାଣ ଗୋଡ଼ ପୁଜ ହୋଇଗଲାଣି।



ଗୁରୁତର ଅସୁସ୍ଥ ଅବସ୍ଥାରେ ଶୀତଲ।

■ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର

■ଇଚ୍ଛାମୃତ୍ୟୁ ଚାହୁଁଛନ୍ତି ଶୀତଲ

ଶୀତଲଙ୍କ ଚିକିତ୍ସା ପାଇଁ ପରିବାର ପକ୍ଷରୁ ପ୍ରାୟ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ସରିଲାଣି। ଜିଲା ପ୍ରଶାସନ ପକ୍ଷରୁ ସେତେବେଳେ ରେଡ୍‌କ୍ରସ୍‌ରୁ କିଛି ସହାୟତା ଦିଆଯାଇଥିଲା। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସୁବାସ ଜଣେ ଅଖା ବ୍ୟବସାୟୀ। ଶ୍ୱେତାଙ୍କ ମୃତ୍ୟୁ ପରେ ତାଙ୍କର ଆଉ ୫ ଝିଅ ଅଛନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାବେଳେ ଶୀତଲଙ୍କ ଅଧିକ ଚିକିତ୍ସା କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଶୀତଲଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ତ ଗଲା ସୁବାସଙ୍କ ପରିବାରର ଦୁଃଖ। ଦୁର୍ଘଟଣାରେ ଅନ୍ୟ ମୃତକଙ୍କ ପରିବାର ଲୋକେ ମଧ୍ୟ ଝିଅପୁଅଙ୍କୁ ଝୁରି ଦିନ କାଟୁଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ସରକାରୀ ନିୟମାନୁଯାୟୀ ଆହତଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା କହିଛନ୍ତି।



ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଅଚଳ ଥଣ୍ଡାପାନୀୟ ପ୍ରକଳ୍ପ।

## ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଅଚଳ

**ବାସୁଦେବପୁର, ୨୦।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ ଅଚଳ ହୋଇପଡ଼ିଥିବା ଥଣ୍ଡାପାନୀୟ ଜଳ ପ୍ରକଳ୍ପକୁ ମରାମତି ତଥା କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପାଣି ଟୋପାଏ ପାଇଁ ବ୍ଲକ କର୍ମଚାରୀ ଓ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖନୀୟ ଯେ, ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବିନିଯୋଗରେ ବ୍ଲକ କର୍ମଚାରୀ ଓ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ଥଣ୍ଡାପାନୀୟ ଜଳ ଯୋଗାଣ ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଦୀର୍ଘଦିନ ଧରି ପ୍ରକଳ୍ପ ଅକାମୀ ହୋଇ ରହିଥିବାରୁ ଥଣ୍ଡାପାନୀୟ ତ ଦୂରର କଥା ଖାଲି ପାଣି ଟୋପାଏ ମଧ୍ୟ ମିଳିପାରୁ ନାହିଁ। ଏ ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ ଅଚଳ ଜଳ ପ୍ରକଳ୍ପ ମରାମତି ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ତେବେ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବାକୁ ସାଧାରଣରେ ଦାବି ହୋଇଛି।

## ■ ଯୌତୁକ ନିର୍ଯାତନା ଅଭିଯୋଗ

# ୬ ଜଣଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ, ୨୦।୬**

ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ଡଗରାସାହିର ପ୍ରଭାସିନୀ ନାୟକଙ୍କୁ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପ୍ରଭାସିନୀଙ୍କ ସ୍ୱାମୀ ସମେତ ୬ ଜଣଙ୍କ ନାଁରେ ମାମଲା(ନଂ.୧୮୩/୧୯) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସରଗଡିଆ ଗାଁର ପ୍ରଭାସିନୀ ୨୦୧୭ ଜୁନ ୧୮ରେ ଚରମ୍ପା ଡଗରାସାହିର ଅନୁଜ କୁମାର ନାୟକଙ୍କୁ ବୈଦିକ ରୀତିରେ ବାହା ହୋଇଥିଲେ। ବିବାହର ୩ ମାସ ପରେ ପ୍ରଭାସିନୀ ଉପରେ ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଆରମ୍ଭ ହୋଇଥିଲା। ଏହାକୁ ନେଇ ୨୦୧୮ ଏପ୍ରିଲ ୨୪ ତାରିଖରେ ପ୍ରଭାସିନୀ ବାପଘର ସରଗଡ଼ିଆକୁ ଚାଲିଆସିଥିଲେ। ପରେ ଆପୋଷ ବୁଝାମଣା ପରେ ସେ ଶାଶୁଘରକୁ ଚାଲି ଯାଇଥିଲେ। ହେଲେ ପୁଣି ଶାଶୁଘରେ ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ଏ ନେଇ ଗତ ଜାନୁୟାରୀ ୨୩ ତାରିଖରେ ଟାଉନ ଥାନାରେ କେତେଜଣ ମଧ୍ୟସ୍ଥିଙ୍କ ଉପସ୍ଥିତିରେ ସମାଧାନ ଲାଗି ଉଦ୍ୟମ କରାଯାଇଥିଲା। ୩ ମାସ ଭିତରେ ଶାଶୁଘର ଲୋକେ ପ୍ରଭାସିନୀଙ୍କୁ ଘରକୁ ନେବାକୁ ସିଦ୍ଧାନ୍ତ ହୋଇଥିଲା। କିଛିଦିନ ତଳେ ପ୍ରଭାସିନୀଙ୍କୁ ନେବାକୁ ଶାଶୁଘର ଲୋକେ ମନା କରିଦେବାରୁ ସେ ବୁଧବାର ସ୍ୱାମୀ ସମେତ ୬ ଜଣଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଏର କରିଛନ୍ତି।

## ଥାନା ପଛପଟ ସାହିରୁ ବାଇକ୍ ଚୋରି

**ଭଦ୍ରକ ଅଫିସ, ୨୦।୬**

ଭଦ୍ରକ ସହରାଞ୍ଚଳ ଥାନା ପଛପଟ ବଙ୍କସାହିରୁ ଘର ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ଏକ ମାମଲା(ନଂ.୧୮୪/୧୯) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ବାଗୁରାଇ ମାଧବନଗରର ଆନନ୍ଦ ପାଢ଼ୀ ବଙ୍କସାହିସ୍ଥିତ ତାଙ୍କ ଭଉଣୀ ସତ୍ୟଭାମା ଜେନାଙ୍କ ଘର ସମ୍ମୁଖରେ ସିଭି ହୁଣ୍ଡା ସାଇନ୍(ନଂ ଓଡି୨୨୩୫୪୪) ବାଇକ୍ ରଖି ଘର ଭିତରକୁ ଯାଇଥିଲେ। କିଛି ସମୟ ପରେ ଘରୁ ବାହାରି ବାଇକ୍ ନ ଥିବା ଦେଖିଥିଲେ। ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ମାସକ ମଧ୍ୟରେ ଭଦ୍ରକ ସହରରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି ହୋଇଥିଲେ ହେଁ ଜଣେ ମଧ୍ୟ ଲୁଟେରାଙ୍କୁ ପୋଲିସ କାବୁ କରିପାରି ନାହିଁ।

## ପାଲା ଅନୁଷ୍ଠାନ ଉଦ୍‌ଘାଟିତ



ଉଦ୍‌ଘାଟନୀ ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

**ଭଣ୍ଡାରିପୋଖରୀ, ୨୦।୬ (ଡି.ଏନ୍.ଏ.)**

ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନର ପୃଷ୍ଠପୋଷକତା ଓ ବ୍ଲକ କଳାକାର ସଂଘ ଆନୁକୂଲ୍ୟରେ ପାଲା ଅନୁଷ୍ଠାନ ବୁଧବାର ଉଦ୍‌ଘାଟିତ ହୋଇଛି। ବିଡିଓ ବନମାଳି ତରାଇଙ୍କ ସଭାପତିତ୍ୱରେ ବ୍ଲକ ଛକ ଶନିମନ୍ଦିର ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ସାମାଜିକ କର୍ମୀ ଗୋଲକ ପ୍ରସାଦ ବେହେରା, ବ୍ଲକ ପାଲାଗାୟକ ମଣ୍ଡଳ ସଭାପତି ନିଗମାନନ୍ଦ ମିଶ୍ର, ଯୋଗେନ୍ଦ୍ର ସେନାପତି, ଗାୟକ ରବୀନ୍ଦ୍ର ଜେନା, ଚିନ୍ତାମଣି ନାୟକ ଯୋଗ ଦେଇଥିଲେ। ବିଧାୟକ ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗାୟକମାନେ ପାଲା ପରିବେଷଣ କରିଥିଲେ। ପ୍ରକାଶ ନାୟକ ଅତିଥି ପରିଚୟ ପ୍ରଦାନ ଓ ନିଗମାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ଗସ୍ତରେ ଆସିବେ ହାଇକୋର୍ଟ ମୁଖ୍ୟ ବିଚାରପତି

**ଭଦ୍ରକ ଅଫିସ, ୨୦।୬**

ଆସନ୍ତା ଶନିବାର ଭଦ୍ରକ ଜିଲା ଗସ୍ତରେ ଆସିବେ ହାଇକୋର୍ଟ ମୁଖ୍ୟ ବିଚାରପତି କେ. ଏସ୍ ଝାବେରୀ। ଚରମ୍ପା ଅଗ୍ରସେନ ଭବନ ପରିସରରେ ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ, ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ମେଗା ଆଇନ ସଚେତନତା, ସଶକ୍ତୀକରଣ ଓ ସେବା ଶିବିରରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶିବିରରେ ମୁଖ୍ୟଅତିଥି ଭାବେ ମୁଖ୍ୟ ବିଚାରପତି ଝାବେରୀ ଯୋଗଦେଇ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଭତ୍ତା, କୃତ୍ରିମ ଅଙ୍ଗ, ବିବାହ ପ୍ରୋତ୍ସାହନ ରାଶି ଓ ଅନ୍ୟାନ୍ୟ ସେବା ବଣ୍ଟନ କରିବେ। ହାଇକୋର୍ଟର ବହୁ ବିଚାରପତି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ଏଠାରେ ବିଭିନ୍ନ ଷ୍ଟଲ, କ୍ଷମତା ଏକ୍ସପ୍ରେସ୍ ସମେତ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।

## ଆଜି ଖୋଲିବ ସ୍କୁଲ

**ଭଦ୍ରକ ଅଫିସ, ୨୦।୬**

ଶିକ୍ଷା ବିଭାଗର ପରିବର୍ତ୍ତିତ ନିର୍ଦ୍ଦେଶକ୍ରମେ ୨୬ ତାରିଖ ପରିବର୍ତ୍ତେ ଶୁକ୍ରବାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଖୋଲିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶୁକ୍ରବାର ସମସ୍ତ ସ୍କୁଲ ଖୋଲିବା ପାଇଁ ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ଅଧିକାରୀ ସମେତ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଗ ପରିବର୍ତ୍ତନ ହେବାରୁ ସରକାରୀଭାବେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ସୂଚନା ଦିଆଯାଇଛି।

# ଚାଷଜମି ପାଲଟିଛି ଚାରଣଭୂମି

**ବନ୍ତ, ୨୦।୬ (ସ୍ୱ.ପ୍ର.)**

ଚଳିତବର୍ଷ ମୌସୁମୀ ବର୍ଷା ବିଳମ୍ବ ଓ ସ୍ୱାଭାବିକ ବର୍ଷାଠାରୁ କମ୍ ହେବାର ସମ୍ଭାବନା ରହିଥିବା କୁହାଯାଉଥିବାରୁ ଚାଷୀକୂଳ ପାଇଁ ଏହା କାଳ ହେବ ବୋଲି ଆଶଙ୍କା କରାଯାଉଛି। ଅନାବନା ଘାସ ବୃଦ୍ଧି ହେବା ସହ ଗୋରୁଙ୍କ ଚାରଣ ଭୂଇଁ ପାଲଟିଛି ଚାଷଜମି। କୃଷି ବିଭାଗ ସୂଚନା ଅନୁଯାୟୀ, ବନ୍ତ ବ୍ଲକରେ ମୋଟ ୧୭ ହଜାର ହେକ୍ଟର ଚାଷଜମିରୁ ୧୩ ହଜାରରୁ ଊର୍ଦ୍ଧ୍ୱ ଜମିରେ ଖରିଫ ଧାନ ଚାଷ କରାଯାଇଥାଏ। ୪ ହଜାର ହେକ୍ଟରରେ ଧାନ ବୁଣା ଯାଉଥିବା ବେଳେ ବାକି ଜମିରେ ଧାନ ରୁଆ କରାଯାଇଥାଏ। ଚଳିତବର୍ଷ ପାଗ ପ୍ରତିକୂଳ ଯୋଗୁ ବିଲରେ ଧାନ ବୁଣା ହୋଇପାରି ନାହିଁ। କେତେକ ଚାଷୀ ବୁଣିଥିବା ଧାନ ଗଜା ମରୁଡ଼ି ହୋଇଯାଇଥିବା କହିଛନ୍ତି। ରୁଆ ଧାନ ଉପରେ ସମସ୍ତ ଚାଷଜମି ନିର୍ଭର କରୁଥିବା ବେଳେ ଏପର୍ଯ୍ୟନ୍ତ ବର୍ଷା ଅଭାବରୁ ତଳି ପଡ଼ିପାରୁ ନାହିଁ। ଜୁନ୍ ପ୍ରଥମ ସପ୍ତାହ କିମ୍ବା ରଜସଂକ୍ରାନ୍ତି ପରେ ସ୍ୱାଭାବିକ ଭାବେ ମୌସୁମୀ ବର୍ଷା ଆରମ୍ଭ ହୋଇଥାଏ। ଜମିରେ ପାଣି ଲାଗିବା ପରେ ଧାନ ତଳି ପଡ଼ିବା ସହ ଚାଷ କାମ ଆରମ୍ଭ ହୋଇଥାଏ। ଚଳିତବର୍ଷ ଆଷାଢ଼ ମାସ ଆରମ୍ଭ ହୋଇଥିଲେ ବି ପାଣି ଅଭାବରୁ ଚାଷ ଜମି ଟାଙ୍ଗରା ଦେଖାଯାଉଛି। ମଝିରେ ମଝିରେ ହେଉଥିବା ସ୍ୱଳ୍ପ ବର୍ଷା ଯୋଗୁ ଖରାଟିଆ ହଳ ହୋଇ ନ ପାରି ଜମିରେ ଘାସ ବଢ଼ିବାରେ ଲାଗିଛି। ଏହି ଘାସ ଦମନ ଚାଷୀକୂଳ ପାଇଁ ସମସ୍ୟା ସୃଷ୍ଟି କଲାଣି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଚାଷରେ ଆରମ୍ଭରୁ ବିଳମ୍ବ ହେଲେ ଅମଳ କମିବା ସହ ରୋଗ ପୋକର ପରିମାଣ ବଢ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବହୁ ଚାଷୀ ପ୍ରକାଶ କରିଛନ୍ତି।



ଚାଷ ଜମିରେ ଗୋରୁ ଚରୁଛନ୍ତି।

## ପୂଜ୍ୟପୂଜାଙ୍କୁ ସମ୍ମାନିତ କରିବାର ସୁଯୋଗଦେଲା ମହୋତ୍ସବ

**ବନ୍ତ, ୨୦।୬ (ଡି.ଏନ୍.ଏ.)**

ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଘରପଦାଠାରେ ୨୫ତମ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାଗୁଳାଇ ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ନାଗରିକ ହାଡ଼ିବନ୍ଧୁ ସାହୁ, ସଙ୍ଖାଳି ଖିଲାର ଓ ବାଳାମଣି ସାହୁଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଧନେଶ୍ୱର ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ.ଗୋଲକ ବିହାରୀ ସାହୁ, ବନ୍ତ ହାଇସ୍କୁଲର ପୂର୍ବତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବାରିକ, ଆନନ୍ଦରାମ ପାଟୋଡିଆ ଏମ୍‌ଇ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସାହୁ ଅତିଥି ଭାବେ ଯୋଗଦେଇ ଗଠନମୂଳକ କାର୍ଯ୍ୟରେ କ୍ଲବର ଭୂମିକାକୁ ପ୍ରଶଂସା କରିଥିଲେ। ରଜ ମହୋତ୍ସବ ପୂଜ୍ୟପୂଜାଙ୍କୁ ସମ୍ମାନିତ କରିବାର ସୁଯୋଗ ଦେଇଛି ବୋଲି ଅତିଥିମାନେ କହିଥିଲେ। କ୍ଲବର ପୂର୍ବତନ ସମ୍ପାଦକ କୈଳାସ ଚନ୍ଦ୍ର ଚଢ଼େଇ, ପୂର୍ବତନ ସହସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଗୋପବନ୍ଧୁ ସାହୁ, ପଞ୍ଚାନନ ସାହୁ, ହରିହର ଜେନା, ନୃସିଂହ ସାହୁ, ବୁଦ୍ଧିରାମ ଖିଲାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗ୍ରାମର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ସଭାପତି ଶୋଭନ କୁମାର ସାହୁ, ଉପସଭାପତି ପ୍ରଶାନ୍ତ କୁମାର ଖିଲାର, ସମ୍ପାଦକ ନିରଞ୍ଜନ ସାହୁ, ସହସମ୍ପାଦକ ଜଗବନ୍ଧୁ ସାହୁ, କୋଷାଧକ୍ଷ ଉଜ୍ଜ୍ୱଳ ସାହୁ, କ୍ରୀଡ଼ା ସମ୍ପାଦକ ରମେଶ ସାହୁ, ସହସମ୍ପାଦକ ଅଜୟ ସାହୁ, ସାଂସ୍କୃତିକ ସମ୍ପାଦକ ଗଦାଧର ସାହୁ, ସହସମ୍ପାଦକ ବିଦ୍ୟାଧର ସାହୁ, ପରିବେଶ ଓ ପରିମଳ ସମ୍ପାଦକ କୁଳମଣି ସାହୁ, ସନ୍ତୋଷ ଚଢ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ ସ୍ୱଚ୍ଛ ଭାରତ ମିଶନ: ସରିଛି ୭୩.୨୫ ପ୍ରତିଶତ ଶୌଚାଳୟ ନିର୍ମାଣ

# ଜୁଲାଇ ୨୦ ସୁଦ୍ଧା ଅବଶିଷ୍ଟ ସାରିବାକୁ ଲକ୍ଷ୍ୟ

**ବନ୍ତ, ୨୦।୬ (ସ୍ୱ.ପ୍ର.)**

ପରିବେଶ ସ୍ୱଚ୍ଛତା ସହିତ ଖୋଲାରେ ଶୌଚ ନ ହେବା ପାଇଁ କେନ୍ଦ୍ର ସରକାର ୨୦୧୬ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ପ୍ରଚଳନ କରିଥିଲେ। ପ୍ରତି ପରିବାରକୁ ଶୌଚାଳୟ ନିର୍ମାଣ ସକାଶେ ୧୨ ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଭଦ୍ରକ ଜିଲା ବନ୍ତ ବ୍ଲକର ୨୫ ପଞ୍ଚାୟତରେ ମୋଟ ୩୩ ହଜାର ୪୪୨ ହିତାଧିକାରୀଙ୍କୁ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଏପର୍ଯ୍ୟନ୍ତ ୨୪ ହଜାର ୨୧୫ ଶୌଚାଳୟ ନିର୍ମାଣ ସରିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ୭୩.୨୫ ପ୍ରତିଶତ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ୯୦୦୭ ଶୌଚାଳୟ ନିର୍ମାଣ ଲାଗି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ବିଭାଗୀୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ବ୍ଲକର ୨୫ ପଞ୍ଚାୟତ ମଧ୍ୟରୁ ଟିଲୋ ୯୭.୫୮ ପ୍ରତିଶତ, ଆଡ଼ିଆ ୯୭.୫୧ ଏବଂ ଓଡଙ୍ଗ ୯୬.୨୮ ପ୍ରତିଶତ ଶୌଚାଳୟ ନିର୍ମାଣ ସମ୍ପୂର୍ଣ୍ଣ କରି ସର୍ବାଗ୍ରେ ରହିଥିବା ବେଳେ କେନ୍ଦୁଆପଦା ୩୯ ପ୍ରତିଶତ, ବି.ଟି.ପୁର ୪୬.୫୯ ଓ ପଧାନପଡା ୪୮.୯୭ ପ୍ରତିଶତ ନିର୍ମାଣ କରି ନିମ୍ନରେ ରହିଛି। ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ କରୁଥିବା ପଞ୍ଚାୟତଗୁଡ଼ିକରେ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ପଞ୍ଚାୟତ କିମ୍ବା ନିକଟସ୍ଥ ପଞ୍ଚାୟତର ମୋଟିଭେଟର ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯିବାକୁ ସ୍ଥିର କରାଯାଇଛି। ଆସନ୍ତା ଜୁଲାଇ ୨୦ ତାରିଖ ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟ ପୂରଣ କରାଯିବାକୁ ପ୍ରସ୍ତୁତି ଚାଲିଛି। ୨୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରାଯିବ ଏବଂ ଅକ୍ଟୋବର ଶେଷ ସୁଦ୍ଧା ତଦନ୍ତ କାର୍ଯ୍ୟ ଶେଷ ହେବାର ଯୋଜନା ରହିଛି। ଏଥିପାଇଁ ସମସ୍ତ ମୋଟିଭେଟର ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନେଇ ଶୁକ୍ରବାର ସ୍ୱତନ୍ତ୍ର ବୈଠକ ଡକାଯାଇଛି। ଯୋଜନାରୁ ବାଦ୍ ପଡ଼ିଥିବା ପରିବାରକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପଲ୍ଲିସଭା ଓ ଗ୍ରାମସଭାରେ ସୁପାରିସ କରାଯାଇ ଯୋଜନାରେ ସାମିଲ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। ଜିଲାରେ ବନ୍ତ ବ୍ଲକ ସ୍ୱଚ୍ଛ ଭାରତ ଯୋଜନାରେ ପ୍ରଥମ ହୋଇଥିବା ବେଳେ ଚାନ୍ଦବାଲି ବ୍ଲକ ପଛୁଆ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୪ମାସ ହେଲା ସିଡିପିଓ ପଦବୀ ଖାଲି

**ହାଟଡିହୀ, ୨୦।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ପଦବୀ ଖାଲି ପଡ଼ିଥିବାରୁ ବିଭିନ୍ନ ସମୟରେ ଗୁରୁତର ସମସ୍ୟା ଉପୁଜିବାରେ ଲାଗିଛି। ଏଥିସହ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକ ବିଭିନ୍ନ କାରଣରୁ ବିପର୍ଯ୍ୟସ୍ତ ହେବାକୁ ଯାଉଛି। ଏହ ବ୍ଲକ ଅଧୀନରେ ମୋଟ ୨୧୯ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ିକେନ୍ଦ୍ର ରହିଛି। ସିଡିପିଓ ସୌଦାମିନି ନାୟକ ଗତ ମାର୍ଚ୍ଚ ମାସରେ ଅବସର ନେବା ପରେ ଏହି ପଦବୀ ଖାଲି ପଡ଼ିଛି। ଚାରିମାସ ବିତିବାକୁ ବସିଲାଣି । ଅଦ୍ୟାବଧି ଉକ୍ତ ପଦବୀ ପୂରଣ ହୋଇନି। ଜିଲାର ଏହି ବ୍ଲକଟି ଗୁରୁତ୍ୱ ବହନ କରୁଥିବା ବେଳେ ଉକ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିଯୁକ୍ତି ଦେବାକୁ ଦାବି ହେଉଛି । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ନିଯୁକ୍ତି କରାନଗଲେ ଆଗାମୀ ଦିନରେ ବଡ଼ ଧରଣର ସମସ୍ୟା ଉପୁଜିବାର ଆଶଙ୍କା ପ୍ରକାଶ ପାଇଛି।

### ପଞ୍ଚାୟତ ସମିତି ସମୀକ୍ଷା ବୈଠକ

**ଆନନ୍ଦପୁର, ୨୦।୬(ସ୍ୱ.ପ୍ର.):** ଆନନ୍ଦପୁର ପଞ୍ଚାୟତ ସମିତି ଅଧୀନ ବିଭିନ୍ନ ଗ୍ରାମରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବିଡିଓ ଶୁଭ୍ରବାଳା ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ବ୍ଲକ ଅଧକ୍ଷା ମୀନତୀ ନାଇକ, ଏମ୍‌ପି ପ୍ରତିନିଧି ଶାନ୍ତନୁ ସେଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷ ଓ ୨୦୧୮-୧୯ ଆର୍ଥିକ ବର୍ଷର ଗ୍ରାମ ପଞ୍ଚାୟତ ବିକାଶ ଯୋଜନାର ପ୍ରକଳ୍ପ ଅନୁମୋଦନ ଗୋପବନ୍ଧୁ ଗ୍ରାମୀଣ ଯୋଜନା ବାର୍ଷିକ ପ୍ରକଳ୍ପ ଟିଠା ଅନୁମୋଦନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପଶୁପାଳନ କୃଷି, ଉଠାଜଳସେଚନ ବିଭାଗ ଭଳି ଅନେକ ଯୋଜନା ଓ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା। ଆଗକୁ କିଭଳି ବିଭିନ୍ନ ସରକାରୀ ଯୋଜନାକୁ ଆନନ୍ଦପୁର ବ୍ଲକର କୋଣେଅନୁକୋଣେ ପହଞ୍ଚାଇ ହେବ ସେ ଦିଗରେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କ ସହିତ ପରାମର୍ଶ କରାଯାଇଥିଲା।

### ଡାକ୍ତରଖାନାରୁ ଔଷଧ ଚୋରି, ଧରିଲେ ସ୍ଥାନୀୟ ଲୋକେ

**ହାଟଡିହୀ, ୨୦।୬ (ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ କର୍ମଚାରୀ ରାତି ଡ୍ୟୁଟି ସାରି ସକାଳୁ ଘରକୁ ଯାଉଥିବା ବେଳେ ନିଜ ବ୍ୟାଗରେ ଡାକ୍ତରଖାନାରେ ଗଚ୍ଛିତ ଥିବା ମାଗଣା ଔଷଧକୁ ନିଜ ବ୍ୟାଗରେ ପୂରାଇ ନେଉଥିଲେ। ସ୍ଥାନୀୟ ଲୋକ ଏହାକୁ ଦେଖି କର୍ମଚାରୀଙ୍କୁ ଅଟକାଇ ତାଙ୍କ ବ୍ୟାଗକୁ ଦେଖିଥିଲେ। ମାଗଣା ଔଷଧ ଥିବା ଜାଣିବା ପରେ ବ୍ୟାଗଟିକୁ ଛଡ଼ାଇ ରଖିଥିଲେ। ଏହାର କାରଣ ବାବଦରେ ପଚାରିବାରୁ କର୍ମଚାରୀ ଜଣଙ୍କ କୌଣସି ଉତ୍ତର ଦେଇନଥିଲେ। ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ପଚାରିବାରୁ କଣ ହୋଇଛି ପରେ ସେ ବୁଝିବେ ବୋଲି କହିଥିଲେ ।

### ଜଙ୍ଗଲ ବିଭାଗରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଅଭିଯୋଗ

**ହାଟଡିହୀ, ୨୦।୬ (ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ଼ ଜଙ୍ଗଲ ବିଭାଗରେ ଲକ୍ଷଲକ୍ଷ ଟଙ୍କା ଉନ୍ନୟନ କାର୍ଯ୍ୟ ନାମରେ ହରିଲୁଟ ହୋଇଥିବା ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଜଙ୍ଗଲ ଓ ଜୀବଜନ୍ତୁଙ୍କର ରକ୍ଷଣାବେକ୍ଷଣା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ନାଁରେ ଲକ୍ଷଲକ୍ଷ ଟଙ୍କା ସରକାରୀ ଅନୁଦାନ ଆସୁଛି । କିନ୍ତୁ ଏହାର ସଠିକ ରୂପାୟନ ହେଉନାହିଁ। ଅନୁଦାନ ସବୁ କାଗଜ କଲମରେ ହରିଲୁଟ ହୋଇଥିବା ଜଣାପଡ଼ିଛି। ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ହଦଗଡ଼ ରେଞ୍ଜର ସୁରେନ୍ଦ୍ର ହେମ୍ବ୍ରମଙ୍କୁ ପ୍ରଶ୍ନ ପଚାରିଥିଲେ। ରେଞ୍ଜର ହେମ୍ବ୍ରମ ଏସମ୍ପର୍କରେ କୌଣସି ସଠିକ ଉତ୍ତର ଦେଇପାରି ନ ଥିଲେ। ଫଳରେ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଛେନାପଦୀ ଠାରୁ ସୁଲଣ ପର୍ଯ୍ୟନ୍ତ ଜଙ୍ଗଲ ବିଭାଗ ଦ୍ୱାରା ୨୫୦୦ ବୃକ୍ଷରୋପଣ କରାଯାଇଥିବା କୁହାଯାଇଥିଲା । କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ହୋଇନାହିଁ। ସେହିପରି ଜଙ୍ଗଲ ଭିତରେ ଷ୍ଟେଞ୍ଚ ଖୋଳା, ଜଳଉସ୍ସ, ସୁରକ୍ଷା ତାରଜାଲି ବାଡ଼ା ପରି ବିଭିନ୍ନ କାର୍ଯ୍ୟ ନାଁରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ବି ପ୍ରକୃତ କ୍ଷେତ୍ରରେ ତାହା ହୋଇନାହିଁ। ଠିକଭାବେ କାର୍ଯ୍ୟ କରିବା ପାଇଁ ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ ହଦଗଡ଼ ରେଞ୍ଜର ହେମ୍ବ୍ରମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରେଞ୍ଜର କହିଛନ୍ତି ଯେ ଯଥାସମ୍ଭବ ଆମେ ଆମର କାର୍ଯ୍ୟ ନିର୍ବାହ କରୁଛୁ। ତେବେ ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି ।

# ଯୋଜନା ହେଉଛି, ବିକାଶ ନାହିଁ

**ବଉଳା, ୨୦।୬ (ଡି.ଏନ.ଏ.)**

- ଅଚଳ ପଏଣ୍ଟର କରାଯାଉନି ପୁନରୁଦ୍ଧାର
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ନିଆଯାଉନି ଆଖିଦୃଶିଆ ପଦକ୍ଷେପ

ବିକାଶ କାର୍ଯ୍ୟ ଲାଗି କେନ୍ଦୁଝର ଜିଲା ହାଟଡିହୀ ବ୍ଲକକୁ ଜିଲା ଖଣିଜ ପାଣ୍ଠି ( ଡିଏମଏଫ) ଯୋଜନାରେ ଅନ୍ତର୍ଭୁକ୍ତ କରଯାଇଛି। ୩ ବର୍ଷ ତଳେ ଏ ନେଇ ଯୋଜନା ହେବା ପରେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ କୃଷିର ବିକାଶ ହେଲେ ଆର୍ଥିକ ସ୍ଥିତି ସୁଧୁରିଯିବ ବୋଲି ଲୋକେ ଭାବିଥିଲେ। ଡିଏମଏଫ ଯୋଜନାରେ ଏଯାଏ କୌଣସି ଗୋଟିଏବି ଆଖିଦୃଶିଆ କାର୍ଯ୍ୟ ହୋଇ ପାରି ନାହିଁ। ଏହି ଯୋଜନାରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରୀଙ୍କୁ କେବଳ ସପ୍ତାହକୁ ୪ଟି ଲେଖାଏ ଅଣ୍ଡା ଯୋଗାଇ ଦିଆଯାଉଛି। ଉନ୍ନୟନ କାର୍ଯ୍ୟ ବାବଦକୁ ଆସୁଥିବା ଅର୍ଥରେ ନିମ୍ନମାନର ରାସ୍ତା ତିଆରି ଭଳି କାର୍ଯ୍ୟ କରାଯାଇ ଅନୁଦାନକୁ ହରିଲୁଟ୍ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହାଟଡିହୀ ବ୍ଲକର ଅଧିକାଂଶ ଚାଷଜମି ଅଣଜଳସେଚିତ ଜଳସେଚନର ବିନା ଏଠି କୃଷିର ବିକାଶ ସମ୍ଭବ ନୁହେଁ। ପ୍ରଶାସନ ଓ ଜନପ୍ରତିନିଧି ଏହା ଜାଣିଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ନାହିଁ। ପୂର୍ବରୁ ଥିବା ଉଠା ଜଳସେଚନ ପଏଣ୍ଟଗୁଡ଼ିକ ଅଚଳ ହୋଇ ପଡିଥିଲେ ବି ପୁନରୁଦ୍ଧାର କରାଯାଉ ନାହିଁ । ଶିକ୍ଷା ବିକାଶ ନାଁରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଇପାରୁ ନାହିଁ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ହାଟଡିହୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବହୁଲୋକ ନିର୍ଭର କରୁଥିବା ବେଳେ ବର୍ଷବର୍ଷ ଧରି ଡାକ୍ତର ପଦବୀ ଖାଲି ପଡିଛି। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଚାଳନାଗତ ଅବ୍ୟବସ୍ଥା ସବୁବେଳେ ଚର୍ଚ୍ଚାରେ ରହିଛି। ଧାନ ବିକ୍ରି ସମୟରେ ଚାଷୀମାନେ ଅସୁବିଧାରେ ସମ୍ମୁଖୀନ ହେଉଥିଲେ ବି କେହି ଅଭିଯୋଗ ଶୁଣୁ ନାହାନ୍ତି । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧୀନରେ ଥିବା ରାସ୍ତା ଓ ଜଳସେଚନ ବିଭାଗର କେନାଲ ରାସ୍ତା ମରାମତି ବିନା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ବହୁବିଧ ସମସ୍ୟାରେ ଛନ୍ଦି ହୋଇପଡିଛ ହାଟଡିହୀର ବିକାଶ ।

ଆଦିବାସୀ ବହୁଳ କେ.ବାଲିପାଳ ପଞ୍ଚାୟତରେ ବାଳିକା ଆବାସିକ ଅନୁଷ୍ଠାନର ଗୃହ ନିର୍ମାଣ ସରିଥିଲେ ମଧ୍ୟ ପ୍ରଶାସନିକ ଅବହେଳାରୁ ତାହା କାର୍ଯ୍ୟକ୍ଷମ ହୋଇ ପାରୁ ନାହିଁ। ଦୁର୍ଗମ ଅଞ୍ଚଳରେ ଥିବା ଦଳିକି ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢା ଯାଉଥିବା ବେଳେ ସେଠାରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ବ୍ଲକରେ ଥିବା ଏକମାତ୍ର ଆଦର୍ଶ ବିଦ୍ୟାଳୟରେ ଅନୁରୂପ ସମସ୍ୟା ଲାଗି ରହିଛି। ହଦଗଡ଼ ସାଳନ୍ଦୀ ନଦୀ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ପାର୍କ ନିର୍ମାଣ, ଶାଳଣିଆଁରେ ଫାଣ୍ଡି ଓ ଦମକଳ କେନ୍ଦ୍ର ପ୍ରତିଷ୍ଠା, ବ୍ଲକରେ ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ, ବିଦ୍ୟାଧରପୁର ଅଞ୍ଚଳରେ ଦମକଳ କେନ୍ଦ୍ର, ସୋସୋ ଓ ନନ୍ଦିପଦା ଥାନାରେ ଦକ୍ଷ ଅଧିକାରୀ ନିଯୁକ୍ତି, ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳାଙ୍କ ପାଇଁ ଶୌଚାଳୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ପାଇଁ ଗୃହ ନିର୍ମାଣ ଲାଗି ଦାବି ହେଉଥିଲେ ମଧ୍ୟ ପ୍ରଶାସନ ସ୍ତରରେ ଏହାକୁ ଅଣଦେଖା କରାଯାଉଛି। ୧୨ ଏକର ବିଶିଷ୍ଟ ସୋସୋ ନାଗସରା ପୋଖରୀର ପୁନରୁଦ୍ଧାର, ପଢ଼ିଆରୀପଲୀ ସିଦ୍ଧଗୁମ୍ଫାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା, ସୋସୋ ଠାରୁ ଢେଙ୍କା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ଆଦି ଦାବି ପ୍ରତି ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହୋଉଛି।

# ୮୦ ବର୍ଷରେ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



ଅସହାୟ ବୃଦ୍ଧାବୃଦ୍ଧ।

**କେନ୍ଦୁଝର, ୨୦।୬ (ସ୍ୱ.ପ୍ର.)**

ସରକାର ବିଶେଷ କରି ଅସହାୟ ବୃଦ୍ଧାବୃଦ୍ଧଙ୍କ ସୁରକ୍ଷା ପାଇଁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ବ୍ୟବସ୍ଥା କରିଛନ୍ତି। ସେହିପରି ଆଦିବାସୀ ଲୋକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ହେଲେ ସରକାରୀ ଅବହେଳା ଯୋଗୁ ଏଭଳି ଯୋଜନା ଅନେକ ଅସହାୟ ବୃଦ୍ଧା/ବୃଦ୍ଧଙ୍କ ପାଖରେ ପହଞ୍ଚି ପାରୁ ନ ଥିବାରୁ ବହୁ କଷ୍ଟ ଯନ୍ତ୍ରଣା ସହୁଛନ୍ତି।

ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସଦର ବ୍ଲକ କାଉଁରୀକଳା ପଞ୍ଚାୟତର ହଳଦୀଗୁଣା ଗ୍ରାମରେ। ଏହି ଗ୍ରାମରେ ରହୁଛନ୍ତି କଲେଇ ମୁଣ୍ଡା (୮୦) ଓ ତାଙ୍କ ସ୍ତ୍ରୀ ରାମଦାଇ ମୁଣ୍ଡା (୭୫)। ତାଙ୍କ ୩ ପୁଅ ଥିଲେ ହେଁ ସେମାନେ ନିଜ ଘର ସଂସାର ଚଳାଇବାରେ ଅସମର୍ଥ। ଏଣୁ ଦୁଇ ବୁଢାବୁଢୀଙ୍କ ଦେଖାରଖା ଆଗ୍ରହ ଥିଲେ ହେଁ ଠିକ ଭାବରେ କରିପାରୁନାହାନ୍ତି। ସେମାନଙ୍କୁ ଅଦ୍ୟାବଧି ଭତ୍ତା ମିଳୁନାହିଁ । ଏଣୁ ଚଳିବା ତ ଦୂରର କଥା ଦେହ ଖରାପ ହେଉଥିଲେ ଚିକିତ୍ସିତ ମଧ ହୋଇପାରୁନାହାନ୍ତି ବୋଲି କହିଛନ୍ତି। ସରକାରଙ୍କ ଦାରିଦ୍ର୍ୟଦୂରୀକରଣ ଯୋଜନାରେ କୌଣସି ସହାୟତା ମିଳୁନଥିବା ବେଳେ ଆବାସ ଯୋଜନାରେ ଘର ଖଣ୍ଡେ ମିଳିନଥିବାରୁ ଦୁଃଖ ପ୍ରକାଶ କରୁଛନ୍ତି। ଥିଲା ବାଲାଙ୍କୁ ଏସବୁ ସହାୟତା ମିଳୁଥିବା ବେଳେ ସେମାନଙ୍କୁ ମିଳୁ ନ ଥିବାରୁ ଗ୍ରାମବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପଞ୍ଚାୟତ ଠାରୁ ବ୍ଲକକୁ ଅଭିଯୋଗ କରି ନୟାନ୍ତ ହୋଇ ଏବେ ସମସ୍ତ ଆଶା ଛାଡି ଭାଗ୍ୟକୁ ଆଦରି ଦୁଇ ଅସହାୟ ପଡିରହିଛନ୍ତି। ଏପରିକି ଦାରିଦ୍ର୍ୟତା ମଧରେ ରହୁଥିଲେ ହେଁ ସେମାନଙ୍କୁ ରାଶନ କାର୍ଡ ଖଣ୍ଡେ ମଧ ମିଳିନାହିଁ। ଏସମ୍ପର୍କରେ ୱାର୍ଡ ମେମ୍ବର ଲୀଳାବତୀ ମହାନ୍ତ କହିଛନ୍ତି ଯେ, ବାରମ୍ବାର ପଞ୍ଚାୟତରେ ଭତ୍ତା ଦେବା ପାଇଁ ଆବେଦନ କରିଥିଲେ ହେଁ କେହି ଶୁଣୁ ନାହାନ୍ତି। ଏଣୁ ଏନେଇ ଜିଲାପାଳ ପଦକ୍ଷେପ ନେଇ ଭତ୍ତା ଦେଲେ ଦୁଇ ପ୍ରାଣୀ ଖୁସିରେ ଶେଷ ଜୀବନ କାଟିପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି।

# ଯୋଗ ଦିବସ ସମ୍ପର୍କିତ କର୍ମଶାଳା

**ଝୁମ୍ପୁରା, ୨୦।୬(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଅତିଥି ଏବଂ ଗ୍ରାମବାସୀ।

ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ଅଧୀନ ଯୋଗ ସମ୍ପର୍କ କାର୍ଯ୍ୟାଳୟ କେନ୍ଦୁଝର ଏବଂ ନେହେରୁ ଯୁବକେନ୍ଦ୍ର ସହଯୋଗିତାରେ ଦୁର୍ଗାପୁର ଗ୍ରାମରେ ଗୁରୁବାର ଯୋଗ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅର୍ଶଳା ସରପଞ୍ଚ ତଥା ନେହେରୁ ଯୁବସଂଘର ସଭାପତି ପ୍ରସନ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁର୍ଗାପୁର ଗ୍ରାମର ୨ଶହରୁଅଧିକ ଗ୍ରାମବାସୀ ଓ ସ୍କୁଲ ଛାତ୍ରୀଛାତ୍ର ଏହି କର୍ମଶାଳରେ ଯୋଗ ଦେଇଥିଲେ। ୧୭ ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ପୂର୍ବତନ ଜିଲା ପରିଷଦ ତାପସ ନାଏକ, ନେହେରୁ କ୍ଲବ ସମ୍ପାଦକ ଓକିଲ ନାଏକ ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ ଦିଗରେ ସହାୟତା କରିଥିଲେ। ଯୋଗ ପ୍ରଶିକ୍ଷକ କୃପାସିନ୍ଧୁ ମିଶ୍ର ଯୋଗର ଉପକାରିତା, ଯୋଗର ଆବଶ୍ୟକତା, ସୁସ୍ଥ ଜୀବନଯାପନକୁ ନେଇ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଯୋଗ ଶିକ୍ଷାର କେତେକ ଦିଗ ବିଷୟରେ କର୍ମଶାଳରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗ ପ୍ରଶିକ୍ଷକଙ୍କ ଠାରୁ ବୁଝିଥିଲେ।

# ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ

**କେନ୍ଦୁଝର, ୨୦।୬(ଡି.ଏନ୍.ଏ.)**

ଶିଶୁମାନଙ୍କଠାରେଥିବା ନାଟ୍ୟପ୍ରତିଭାର ବିକାଶ ପାଇଁ ହରିଚନ୍ଦନପୁରଠାରେ ଆୟୋଜିତ ଶିଶୁ ନାଟ୍ୟ କର୍ମଶାଳା ଆନନ୍ଦ ଉଲ୍ଲାସ ମଧରେ ଉଦ୍‌ଯାପିତ ହୋଇଯାଇଛି। ନିଜର ପ୍ରତିଭା ବିକାଶ ପାଇଁ ସୁଯୋଗ ପାଉ ନ ଥିବା ପଛୁଆ ବର୍ଗର କୋମଳମତି ପିଲାମାନଙ୍କ ପାଇଁ ନୂଆଦିଲ୍ଲୀସ୍ଥ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା ଆଦିବାସୀ ଅଧୁଶିତ ଗ୍ରାମାଞ୍ଚଳରେ ଏହି କାର୍ଯ୍ୟକ୍ରମ ଆୟୋଜନ କରି ସ୍ଥାନୀୟ ପ୍ରତିଭା ସମ୍ପନ୍ନ ପିଲାମାନଙ୍କ ମଧରେ ନୂତନ ଜାଗରଣ ସୃଷ୍ଟି କରିପାରିଛି। ଏହି ଶିଶୁମାନଙ୍କୁ ଏକମାସ ଧରି ନାଟ୍ୟକଳା ପ୍ରଶିକ୍ଷଣ ଦିଆଯିବା ପରେ ମଞ୍ଚ ନାଟକ ପରିବେଷଣ କରାଯାଇଥିଲା। ହରିଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ମିଶ୍ର ଅଧକ୍ଷତା କରି ମଞ୍ଚ ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ନିର୍ମାତା ନାରାୟଣ ପତି ଶିଶୁ ମାନଙ୍କର ମାନସିକ ବିକାଶ ଓ କଳା କୌଶଳ ପ୍ରୟୋଗରେ ଏହି କର୍ମଶାଳା ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର ଗିରି, ପାଲଲହଡ଼ା ଏବଂ ହରିଚନ୍ଦନପୁର ସଂଯୋଜକ ରୁଦ୍ରମଣି ପାତ୍ର, ହରିଚନ୍ଦନପୁର ସଂଯୋଜକ ଉମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବସ୍ୟେର ଅବିନାଶ ଦେଶପାଣ୍ଡେ ଏବଂ ଭୁବନେଶ୍ୱରର ଜଗଦାନନ୍ଦ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ଜଳିଗଲା ତେଲ ବୋଝେଇ ଭ୍ୟାନ୍



ଜଳୁଥିବା ପିକ୍ ଅପ୍।

**ଆନନ୍ଦପୁର,୨୦।୬(ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଓଭରବ୍ରିଜ୍ ଠାରେ ଏକ ତେଲ ବୋଝେଇ ପିକ୍ ଅପ୍ ଭ୍ୟାନ ହଠାତ୍ ଅଗ୍ନିକାଣ୍ଡରେ ଜଳିଯାଇଛି। ଗାଡିର ଚାଳକ ଅଳପକେ ବର୍ତ୍ତିଯାଇଥିବାବେଳେ ତେଲ ପେଟି ଗୁଡିକୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଯାଜପୁର ପାର୍ଶ୍ୱରୁ ଏକ ପିକ୍ ଅପ୍ ଭ୍ୟାନ୍ ଖାଇବା ତେଲ ବୋଝେଇ କରି ଆନନ୍ଦପୁର ଅଭିମୁଖେ ଯାଉଥିଲା। ରାମଚନ୍ଦ୍ରପୁର ଓଭରବ୍ରିଜ ଠାରେ ଗାଡିର ଇଞ୍ଜିନ୍ ପାର୍ଶ୍ୱ ନିଆଁ ହୁତ୍ ହୁତ୍ ହୋଇ ଜଳିବାରେ ଲାଗିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ଭ୍ୟାନ୍‌ରୁ ତେଲ ପେଟି ଗୁଡିକୁ ସୁରକ୍ଷିତ ବାହାର କରିବାରେ ସଫଳ ହୋଇଥିଲେ। ତେବେ ଅଗ୍ନିକାଣ୍ଡ କେଉଁ କାରଣରୁ ଘଟିଥିଲା ତାହା ଜଣାପଡି ନ ଥିବାବେଳେ ଏହା ସର୍ଟ ସର୍କିଟରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

■ଅବଦୁଲ ମେମୋରିଆଲ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ

# ବାଉଁଶୂଳୀ ମଝିସାହି ଟିମ୍ ଚାମ୍ପିୟନ

**କେନ୍ଦୁଝର, ୨୦।୬(ଡି.ଏନ୍.ଏ.)**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୂଳୀଠାରେ ସ୍ୱର୍ଗତ ବିଏସ୍‌ଏଫ୍ ଯବାନ ସଞ୍ଜିବ ସର୍ଦ୍ଦାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ ଅବଦୁଲ ମେମୋରିଆଲ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବାଉଁଶଳୀ ପଞ୍ଚାୟତ ସମ୍ମୁଖ ଖେଳ ପଡିଆରେ ଜୁନ୍ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭଅଁରପୁର, ପୋଡାଶିମିଳା, ମଦନ ଏକାଦଶ, ରାଜୁ ଏକାଦଶ, ପ୍ରଗତି ଏକାଦଶ, ସନ୍ତୋଷ ଏକାଦଶ, ଚିତ୍ତ ଏକାଦଶ ଓ ବାଉଁଶୂଳୀ ମଝିସାହି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମଦନ ଏକାଦଶ ଓ ବାଉଁଶୂଳୀ ମଝିସାହି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଉଁଶୂଳୀ ମଝିସାହି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୦୩ ରନ୍ କରିଥିବାବେଳେ ମଦନ ଏକାଦଶ ସମସ୍ତ ଉଇକେଟ ହରାଇ ୯୩ ରନ୍ କରିବାକୁ ସକ୍ଷମ ହୋଇ ପରାଜୟବରଣ କରିଥିଲା। ଚାମ୍ପିୟନ ବାଉଁଶୂଳୀ ମଝିସାହି ଦଳକୁ ଟ୍ରଫି ପ୍ରଦାନ କରାଯିବା ସହ ରନର୍ସଅପ୍ ମଦନ ଏକାଦଶକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଆର୍ଥିକ ସାକ୍ଷରତା ଶିବିର



ସାକ୍ଷରତା ଶିବିରରେ ଲୋକଙ୍କୁ ବୁଝାଯାଉଛି।

**ଝୁମ୍ପୁରା, ୨୦।୬ (ଡି.ଏନ.ଏ.)** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତର ଜଙ୍ଗଲାଞ୍ଚଳରେ ଅବସ୍ଥିତ ଫକିରପୁର ଗ୍ରାମରେ ବୁଧବାର ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଏକ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ବି ଓ ଆଇ ଝୁମ୍ପୁରା ଶାଖା ପରିଚାଳକ ମଳୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାକ୍ଷରତା ଶିବିରରେ ମନୋଜ କୁମାର ଶାସନୀ (ଏଲ ଡି ଏମ), ଏସ ଏସ ଚାଉଳିଆ (ଡି ଡି ଏମ) (ନାବାର୍ଡ), ସିଆର ମିଶ୍ର (ଏଫ ଆଇ ସି)(ଓଏଲଏମ), ବ୍ୟାଙ୍କ ଅଧିକାରୀ, ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡା, ଜଗାବଳିଆ କ୍ଲବ ସେକ୍ରେଟାରୀ ଜଗବନ୍ଧୁ ମହାନ୍ତ, କଣ୍ଡରା ସରପଞ୍ଚ ଉର୍ମିଳା ମହାନ୍ତ ପ୍ରମୁଖ ଶିବିରରେ ଉପସ୍ଥିତ ଥିବା ବେଳେ ଶତାଧିକ ଗ୍ରାମବାସୀ ଯୋଗଦାନ କରିଥିଲେ। ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ସ୍ୱୟଂ ସହାୟକ ଗ୍ରୁପ ସମ୍ବନ୍ଧରେ ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। ଏହା ସହିତ ବ୍ୟାଙ୍କ ଲୋନ, ବ୍ୟାଙ୍କ ସହିତ ଯୋଗାଯୋଗ ସମ୍ବନ୍ଧରେ ସୂଚନା ଦେଇଥିଲେ।

# ଦେଢ଼ ମାସ ପରେ ଭଙ୍ଗାଡାଳ ଉଠୁନି



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଡାଳ ଭାଙ୍ଗି ପଡ଼ିଛି।

**କେନ୍ଦୁଝର,୨୦।୬ (ସ୍ୱ.ପ୍ର.)** ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ଗଛର ଡାଳ ବାତ୍ୟା ପବନ ଯୋଗୁଁ ଭାଙ୍ଗିଯାଇଥିଲେ ହେଁ ଉଠାଯାଉନଥିବାରୁ ଏହି ସ୍ଥାନରେ ଗାଡ଼ି ପାର୍କିଂ ଓ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଏହି କାର୍ଯ୍ୟାଳୟ ପରିସରରେ ବନ୍ୟା ବାତ୍ୟା ମୁକାବିଲା ପାଇଁ ମକ ଡ୍ରିଲ ମଧ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଡାଳକୁ ସଫା କରାଯାଇପାରୁ ନ ଥିବା ବେଳେ ଜିଲାରେ ବାତ୍ୟା କିମ୍ବା ବନ୍ୟା ହେଲେ ଦେଖାଦେବାକୁ ଥିବା ସମସ୍ୟାର କିପରି ପ୍ରତିକାର କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପାଟଣା ବ୍ଲକ କେନ୍ଦେଇପଶିରୁ ଯମୁନାପଶି ରାସ୍ତାର କଣ୍ଟିଆପଡା ନିକଟରେ ଏକ ବିରାଟକାୟ ଗଛ ରାସ୍ତା ଉପରେ ପଡିଯାଇଥିଲେ ହେଁ ଉଠାଯାଉନାହିଁ । ଫଳରେ ଯାତାୟତ ବ୍ୟାହତ ହେଉଛି। ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟତ କରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେଲକୋଇ ବସଷ୍ଟପ ନିକଟରେ ତଥା ଅନ୍ୟାନ୍ୟ ଅଞ୍ଚଳରେ ବହୁ ଶୁଖିଲା ଗଛ ରହିଥିଲେ ହେଁ ସେସବୁ ଚିହ୍ନଟ କରି କଟା ଯାଉ ନ ଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି।

# ଆଗକୁ ଆସୁଛି ବର୍ଷା, ସଫେଇ ହେଉନି ଡ୍ରେନ୍

**କେନ୍ଦୁଝର, ୨୦।୬(ସ୍ୱ.ପ୍ର.)**



ଆବର୍ଜନାପୂର୍ଣ୍ଣ ଡ୍ରେନ ଉପରେ ମହିଳାମାନେ ବସି ବେପାର କରୁଛନ୍ତି।

ଆଗକୁ ବର୍ଷା ଆସୁଛି। ସେଥିପାଇଁ ସମ୍ଭାବ୍ୟ ବନ୍ୟା, ବାତ୍ୟା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ସମସ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ବନ୍ୟା ମୁକାବିଲା ଓ ବନ୍ୟା ପରିସ୍ଥିତି ସଜାଗ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। କିନ୍ତୁ ଅଦ୍ୟାବଧି କେନ୍ଦୁଝର ଜିଲା ମୁଖ୍ୟାଳୟ ପୌରାଞ୍ଚଳରେ ଡ୍ରେନେଜ ଅବସ୍ଥା ଦେଖିଲେ କିପରି ପ୍ରସ୍ତୁତି ଚାଲିଛି ବେଶ ଅନୁମାନ କରିହେବ।

କେନ୍ଦୁଝର ସହରରେ ପ୍ରବଳ ବର୍ଷା ହେଲେ ବିଭିନ୍ନ ସାହି ଓ ବସ୍ତିରେ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଡ୍ରେନେଜ ବ୍ୟବସ୍ଥା ସୃଦୃଢ ନ ଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଗଡୁଥିବା ବେଳେ ଘରବାଡିରେ ପଶୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏପରିକି ଡ୍ରେନ ସବୁ ନିୟମିତ ସଫେଇ ହେଉନାହିଁ। କେତେକ ଡ୍ରେନ ମାସ ମାସ ଧରି ସଫେଇ ହେଉ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। କେତେକ ଡ୍ରେନ ହୋଟେଲ ମାନଙ୍କ ମଇଳା ଆବର୍ଜନା ଓ ପାଇଖାନା ପାଣି ଛାଡି ଦେଉଥିବାରୁ ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେଉଛି। ବହୁ ଦୂର ପାହାଡ଼ ପର୍ବତରୁ ଆଦିବାସୀ ମାନେ ଏହି ମଇଳା ଆବର୍ଜନା ପରିବେଶରେ ରାସ୍ତାକଡ ଡ୍ରେନ ପାଖରେ ବସି ଜଙ୍ଗଲଜାତ ସାମଗ୍ରୀ ଓ ପନିପରିବା ବିକିବାକୁ ବାଧ୍ୟ ହେଉଛନ୍ତି ବୋଲି ସାମାଜିକ କର୍ମୀ ବ୍ରଜ କିଶୋର ରାୟ କହିଛନ୍ତି। ସବୁଆଡେ ପାଣି ରହି ଅସ୍ୱାସ୍ଥକର ପରିବେଶ ସୃଷ୍ଟି ହେଉଛି। ଫଳରେ ରୋଗ ବ୍ୟାପିବା ଆଶଙ୍କା ରହୁଛି। ଏଣୁ ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି ।